# ବ୍ଲୋସମ୍ସ ସ୍କୁଲ୍‌ରେ ବାର୍ଷିକ ବିଜ୍ଞାନ ମେଳା



ଭୁବନେଶ୍ୱର, ୯।୮ (ସମିସ): ବ୍ଲୋସମ୍ସ ସ୍କୁଲରେ ବାର୍ଷିକ ବିଜ୍ଞାନ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ନିଜର ସୃଜନଶୀଳତା, ବୈଜ୍ଞାନିକ ଅନୁସନ୍ଧାନ ଓ ଉଦ୍ଭାବନକୁ ପ୍ରଦର୍ଶିତ କରିଥିଲେ। ମୁଖ୍ୟଅତିଥି ଭାବେ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସର ନିର୍ଦ୍ଦେଶକ ଡକ୍ଟର ଦେବାଶିଷ ଦାଶ ଯୋଗଦେଇ ଛାତ୍ରଛାତ୍ରୀଙ୍କ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ। ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ପରିବେଶ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ଆଧାରିତ ପ୍ରକଳ୍ପଗୁଡ଼ିକୁ ସେ ପ୍ରଶଂସା କରିଥିଲେ। ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିବା କୁନି ବୈଜ୍ଞାନିକଙ୍କ ପରୀକ୍ଷଣ ଓ ମଡେଲକୁ ସମସ୍ତେ ପ୍ରଶଂସା କରିଛନ୍ତି।

ପ୍ରମେୟ THE PRAMEYA

BHUBANESWAR 10 Aug, 2024

# ବ୍ଲୋସମ ସ୍କୁଲର ବିଜ୍ଞାନ ମେଳା



ଭୁବନେଶ୍ୱର,୯।୮(ବ୍ୟୁରୋ): ନବୋନ୍ମେଷ-୮.୦ ବ୍ଲୋସମ ସ୍କୁଲର ବାର୍ଷିକ ବିଜ୍ଞାନମେଳା ଅନୁଷ୍ଠିତ ହୋଇଛି। ଏଥିରେ ଛାତ୍ରଛାତ୍ରୀ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ନିଜ ସୃଜନଶୀଳତା, ବୈଜ୍ଞାନିକ ଅନୁସନ୍ଧାନ ଓ ଉଦ୍ଭାବନର ପ୍ରଦର୍ଶନ କରିଥିଲେ। ମୁଖ୍ୟଅତିଥି ଭାବେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସର ନିର୍ଦ୍ଦେଶକ ଡ. ଦେବାଶିଷ ଦାଶ ଯୋଗଦେଇ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ପରିବେଶ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ଆଧାରିତ ବିବିଧ ପ୍ରକଳ୍ପଗୁଡିକ ନିରୀକ୍ଷଣ କରିଥିଲେ। ଶ୍ରେଣୀ ଅନୁଯାୟୀ ଛାତ୍ରଛାତ୍ରୀମାନଙ୍କୁ ବାଲ ବର୍ଗକୁ କିଙ୍ଗରଗାର୍ଟେନ, ଷ୍ଟାଣ୍ଡାର୍ଡ ୧ରୁ ୨ ଶ୍ରେଣୀ ପିଲାଙ୍କୁ କୁକି ବାଇର୍‌ସ, ଷ୍ଟାଣ୍ଡାର୍ଡ ୩ରୁ ୪ ପିଲାଙ୍କୁ କୋଡ୍ ଗ୍ୟାଫ୍ଲର୍ସ, ଷ୍ଟାଣ୍ଡାର୍ଡ ୫,୬,୭ ଶ୍ରେଣୀ ପିଲାଙ୍କୁ ସାଇବର ସେଞ୍ଚୁରିଅନ୍ସ, ଷ୍ଟାଣ୍ଡାର୍ଡ ୮,୯,୧୦ ଓ ୧୧ ଶ୍ରେଣୀ ପିଲାଙ୍କୁ ଆଡ୍‌ଭାନ୍ସ ଟେକିଜ ବର୍ଗରେ ବିଭକ୍ତ କରାଯାଇଥିଲା। ପ୍ରତ୍ୟେକ ବର୍ଗର ଉଦୀୟମାନ କୁନି କୁନି ବୈଜ୍ଞାନିକ ପୂର୍ବ ନିର୍ଦ୍ଧାରିତ ବିଷୟ ଅନୁଯାୟୀ ସେମାନଙ୍କ ପରୀକ୍ଷଣ ଓ ମଡେଲଗୁଡିକ ପ୍ରଦର୍ଶନ କରିଥିଲେ। ପିଲାମାନଙ୍କ କଠିନ ପରିଶ୍ରମ ଓ ସୃଜନାତ୍ମକ ପ୍ରତିଭାର ଅବଲୋକନ କରି ବିଚାରପତି, ପରିଚାଳନା କମିଟି, ଅତିଥି ବୃନ୍ଦ ତଥା ପରିଦର୍ଶକମାନେ ଅତ୍ୟନ୍ତ ଗର୍ବିତ ବୋଲି କହିଥିଲେ।

ନିତିଦିନ
NITIDIN
BHUBANESWAR - 10 Aug 2024 - Page 12

# ଜ୍ଞାନ ଓ ଅନୁସନ୍ଧାନର ଜ୍ୱଳନ୍ତ ମଶାଲ 'ନବନ୍ମୋଷ-୮.୦'



**ଭୁବନେଶ୍ୱର,୯।୮/ଏନ୍ଏନ୍ଏସ୍:** ନବନ୍ମୋଷ-୮.୦ ବ୍ଲୋସମ୍ ସ୍କୁଲରେ ବାର୍ଷିକ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସର ନିର୍ଦ୍ଦେଶକ ଡ.ଦେବାଶିଷ ଦାଶ ଯୋଗଦେଇ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ପରିବେଶ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ଆଧାରିତ ବିଭିନ୍ନ ପ୍ରକଳ୍ପ ନିରୀକ୍ଷଣ କରିଥିଲେ । ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ନିଜର ସୃଜନଶୀଳତା, ବୈଜ୍ଞାନିକ ଅନୁସନ୍ଧାନ ଓ ଉଦ୍ଭାବନର ପ୍ରଦର୍ଶନ କରିଥିଲେ । ଶ୍ରେଣୀ ଅନୁଯାୟୀ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ବିଭାଗ ଯଥା ଟିନି କ୍ୟାଡର୍ସ (କିଣ୍ଡର୍ ଗାର୍ଡେନ୍) କୁକିଜ୍ ବାଇଟ୍ସ(ଷ୍ଟାଣ୍ଡାର୍ଡ-୧ ଓ ୨) କୋଡ୍ କ୍ରାଫ୍ଟର୍ସ (ଷ୍ଟାଣ୍ଡାର୍ଡ ୩ ଏବଂ ୪) ସାଇବର ସେଞ୍ଚୁରିଅନ୍ସ (ଷ୍ଟାଣ୍ଡାର୍ଡ ୫,୬,୭) ଆଇ ଆଡଭାନ୍ସ ଟେକ୍ନିସ୍ (ଷ୍ଟାଣ୍ଡାର୍ଡ ୮,୯,୧୦ ଓ ୧୧)ରେ ବିଭକ୍ତ କରାଯାଇଥିଲା । ପ୍ରତ୍ୟେକ ବର୍ଗର ଉଦୀୟମାନ କୁନି କୁନି ବୈଜ୍ଞାନିକମାନେ ସେମାନଙ୍କ ପରୀକ୍ଷଣ ଓ ମଡେଲ୍‌ଗୁଡିକୁ ଉତ୍ସାହ ଓ ଆନନ୍ଦର ସହିତ ପ୍ରଦର୍ଶନ କରିଥିଲେ । ପିଲାମାନଙ୍କ କଠିନ ପରିଶ୍ରମ ଓ ସୃଜନାତ୍ମକ ପ୍ରତିଭାର ଅବଲୋକନରେ ବିଚାରପତି, ପରିଚାଳନା କମିଟି, ଅତିଥି ବୃନ୍ଦ ତଥା ପରିଦର୍ଶକମାନେ ଖୁସିବ୍ୟକ୍ତ କରିଥିଲେ ।



ଶ୍ରମିକ ପରିବାରକୁ ସହାୟତା ପ୍ରଦାନ | ୧୦

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar

Google Play | App Store



ଶୋଭିତାଙ୍କ ସହ ନାଗାଙ୍କ ନିର୍ବନ୍ଧ | ୧୨

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

Vol. 21 No-132 9 AUGUST 2024, FRIDAY, BHUBANESWAR


# ନବନ୍ନୋଷ-୮.୦ ବ୍ଲୋସମ ସ୍କୁଲର ବାର୍ଷିକ ବିଜ୍ଞାନ ମେଳା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନବନ୍ନୋଷ-୮.୦ ବ୍ଲୋସମ ସ୍କୁଲର ବାର୍ଷିକ ବିଜ୍ଞାନ ମେଳା ଅଗଷ୍ଟ ୯ତାରିଖରେ ଉତ୍ସାହ ଓ ଉଦ୍ଦୀପନା ସହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ନିଜର ସୃଜନଶୀଳତା, ବୈଜ୍ଞାନିକ ଅନୁସନ୍ଧାନ ଓ ଉଦ୍ଭାବନର ପ୍ରଦର୍ଶନ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଇନ୍ସ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସର ନିର୍ଦ୍ଦେଶକ ଡ.ଦେବାଶିଷ ଦାଶ ଯୋଗଦେଇ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ପରିବେଶ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ଆଧାରିତ ବିବିଧ ପ୍ରକଳ୍ପ ଗୁଡିକୁ ନିରୀକ୍ଷଣ କରିଥିଲେ । ଶ୍ରେଣୀ ଅନୁଯାୟୀ ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ବିଭାଗ ଯଥା ଟିନ୍ କ୍ୟାଡରସ୍, କୁକି ବାଇଟସ୍ (ଷ୍ଟାଣ୍ଡାର୍ଡ-୧,୨) କୋଡ୍ ଗାଫଟର୍ସ (ଷ୍ଟାଣ୍ଡାର୍ଡ ୩,୪) ସାଇବର ସେଞ୍ଚୁରିଅନ୍ସ (ଷ୍ଟାଣ୍ଡାର୍ଡ ୫,୬୭,) ଆଡଭାନ୍ସ ଟେକିସ୍ (ଷ୍ଟାଣ୍ଡାର୍ଡ ୮,୯,୧୦,୧୧)ରେ ବିଭକ୍ତ କରାଯାଇଥିଲା । ପ୍ରତ୍ୟେକ ବର୍ଗର ଉଦୀୟମାନ କୁନି କୁନି ବୈଜ୍ଞାନିକମାନେ ପୂର୍ବ ନିର୍ଦ୍ଧାରିତ ବିଷୟ ଅନୁଯାୟୀ ସେମାନଙ୍କ ପରୀକ୍ଷଣ ଓ ମଡେଲ ଗୁଡିକୁ ଅପାର ଉତ୍ସାହ ତଥା ଆନନ୍ଦର ସହିତ ବ୍ୟାପକ ଭାବରେ ପ୍ରଦର୍ଶନ କରିଥିଲେ । ବାସ୍ତବରେ ପିଲାମାନଙ୍କ କଠିନ ପରିଶ୍ରମ ଓ ସୃଜନାତ୍ମକ ପ୍ରତିଭାର ଅବଲୋକନରେ ବିଚାରପତି, ପରିଚାଳନା କମିଟି, ଅତିଥି ବୃନ୍ଦ ତଥା ପରିଦର୍ଶକମାନେ ଅତ୍ୟନ୍ତ ଗର୍ବିତ।